# ନାଟକର ସାମାଜିକ ପ୍ରାସଙ୍ଗିକତା ଆଲୋଚନାଚକ୍ର




ଭୁବନେଶ୍ୱର, ୧୮/୦୪ (ଆ.ପ୍ର) : ନାଟକ ସାହିତ୍ୟ ଓ ସଂସ୍କୃତିର ସମନ୍ୱୟ । ସାଧାରଣ ମଣିଷର ସ୍ୱରକୁ ଉପସ୍ଥାପନ କରିବାର ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ନାଟକ । କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ରାଜ୍ୟର ପୁରାତନ ନାଟ୍ୟାନୁଷ୍ଠାନ 'ଶତାବ୍ଦୀର କଳାକାର'ର ମିଳିତ ଆନୁକୂଲ୍ୟରେ 'ନାଟକର ସାମାଜିକ ପ୍ରସଙ୍ଗିକତା' ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଏହା କହିଛନ୍ତି । ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ତଥା କଥାକାର ଗୌରହରି ଦାସ ଅଧ୍ୟକ୍ଷତା କରି ଆମ ସମାଜ ଉପରେ ନାଟକର ପ୍ରଭାବ ସବୁଠୁ ଅଧିକ । ଏହା ଏକ ଆବେଗିକ ସ୍ପନ୍ଦନର ସୃଷ୍ଟି କରିଥାଏ ବୋଲି କହିଥିଲେ । ସାହିତ୍ୟ ଅକାଦେମୀର ସାଧାରଣ ପରିଷଦ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ଭିତି ପ୍ରବନ୍ଧ ଉପସ୍ଥାପନ କରି କହିଲେ ନାଟକ ଏମିତି ଏକ ମାଧ୍ୟମ ଯେଉଁଥିରେ ପ୍ରେମ, ବିଦ୍ରୋହ, ପ୍ରତିବାଦ, ସଂଘର୍ଷ ସବୁ ଉପାଦାନ ଭର୍ତ୍ତି ହୋଇ ରହିଥାଏ । ଏଥିରେ ସବୁ ବର୍ଗର ମଣିଷର କଥା ଓ ବ୍ୟଥା ରହିଥାଏ । ସାହିତ୍ୟ ଅକାଦେମି କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାୟକ ସ୍ୱାଗତ ଭାଷଣ ଓ ଶତାବ୍ଦୀର କଳାକାରର ସାଧାରଣ ସମ୍ପାଦକ ଧୀର ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ । ଆଲୋଚନାରେ ବିଶିଷ୍ଟ ନାଟ୍ୟବ୍ୟକ୍ତିତ୍ୱ ନାରାୟଣ ସାହୁ, ବିଜୟ କୁମାର ଶତପଥୀ, ନରେନ୍ଦ୍ର ମିଶ୍ର, ସତ୍ୟବ୍ରତ ରାଉତ, ଗୌରାଙ୍ଗ ରାଉତ, ପ୍ରବୋଧ ରଥ, ଲଳାଟେନ୍ଦୁ ରଥ, ଉପେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ପ୍ରଥମ ଅଧିବେଶନରେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ଶତାବ୍ଦୀର କଳାକାରର ଉପଦେଷ୍ଟା ବିଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ । ଭୁବନେଶ୍ୱରରେ ବହୁ ନାଟ୍ୟବିତ୍ ଓ ନାଟ୍ୟପ୍ରେମୀ ଏହି ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ ।